### ରାଜ୍ୟ ବିଜେପି ମଙ୍ଗୁଆଳ କିଏ?

# ନୂଆ ମୁହଁ ନା ପୁଣି ମନମୋହନ

**ନୂଆଦିଲ୍ଲୀରେ ମାନସ ମନ୍ଥନ**

ଭୁବନେଶ୍ୱର,୧୫ ।୧(ବ୍ୟୁରୋ): ରାଜ୍ୟ ବିଜେପିର ହେବ ନବକଳେବର। ନୂଆବର୍ଷରେ ଦଳର ସାଂଗଠନିକ ପୁନର୍ବିନ୍ୟାସ ପ୍ରକ୍ରିୟା ଶେଷ ହେବାକୁ ଯାଉଛି। ଦଳର ପରବର୍ତ୍ତୀ ରାଜ୍ୟ ସଭାପତି କିଏ? ବିଜେପି ଦଳ ସହ ରାଜ୍ୟ ରାଜନୀତି ପାଇଁ ଏହା ଏବେ ବଡ଼ ପ୍ରଶ୍ନ। କେନ୍ଦ୍ରୀୟ ହାଇକମାଣ୍ଡ କାହାମୁଣ୍ଡରେ ସୁନାକଳସ ଢାଳୁଛନ୍ତି ତା'କୁ ସାରା ରାଜ୍ୟର ବିଜେପି ନେତା ଓ କର୍ମୀମାନେ ବେଶ୍ ଉତ୍ସୁକତାର ସହ ଅପେକ୍ଷା କରିଛନ୍ତି। ସଭାପତି ମନମୋହନ ସାମଲଙ୍କ ପରେ କିଏ ଦଳର ମଙ୍ଗ ଧରିବ ତା'କୁ ନେଇ ଆରମ୍ଭ ହୋଇଛି ଅଙ୍କକଷା।

ବିଜେପିର କିଏ ହେବ ରାଜ୍ୟ ମୁଖିଆ? ଏହି ରେସରେ ବିଭିନ୍ନ ନେତା ଥିବା ଚର୍ଚ୍ଚା ହେଉଛି। ମାତ୍ର ସବୁକିଛି ନିର୍ଭର କରୁଛି କେନ୍ଦ୍ରୀୟ ନେତୃତ୍ୱ ଉପରେ। ବିଜେପିର ସୂତ୍ର କହୁଛି, ଜାନୁଆରୀ ଶେଷ ସୁଦ୍ଧା ଓଡ଼ିଶା ବିଜେପି ନୂଆ ସଭାପତି ପାଇବ। ଏଥିପାଇଁ ଦିଲ୍ଲୀରେ ବିଜେପି କୋର କମିଟିର ଦୁଇଥର ଗୁରୁତ୍ୱପୂର୍ଣ୍ଣ ବୈଠକ ବସିଲାଣି।

ବିଜେପି ରାଜ୍ୟରେ କ୍ଷମତାକୁ ଆସିଛି। ଦୀର୍ଘମିଆଦି ଭିତ୍ତିରେ ରାଜ୍ୟରେ କ୍ଷମତାରେ ରହିବାକୁ କେନ୍ଦ୍ରୀୟ ବିଜେପି ସାଂଗଠନିକ ବିସ୍ତାରକୁ ଗୁରୁତ୍ୱ ଦେଉଛି। ବୁଥ୍‌ସ୍ତରରୁ ସଂଗଠନକୁ ବଳୁଆ କରିବାକୁ ମଧ୍ୟ ଦଳ ଯୋଜନା କରୁଛି। ସଂଗଠନ ଓ ସରକାର ସମନ୍ୱୟ ରକ୍ଷା କରି ଚାଲିବାକୁ ନୂଆଦିଲ୍ଲୀରୁ ନିର୍ଦ୍ଦେଶ ଜାରି ହୋଇଛି। ଦଳର ସଭାପତି ପଦ ଉପରେ ଏବେ ବହୁ ନେତା ଆଖି ପକାଇଛନ୍ତି। ଦଳରେ କିନ୍ତୁ ୨/୩ଟି ଗୋଷ୍ଠୀ ନିଜ ସପକ୍ଷରେ ଲବି କରୁଛନ୍ତି। ମାତ୍ର ହାଇକମାଣ୍ଡ କାହାକୁ ଆଶୀର୍ବାଦ କରିବେ ତାହା ଏଯାଏଁ ଅସ୍ପଷ୍ଟ।

ବିଜେପିର ନୂଆଦିଲ୍ଲୀ ସୂତ୍ର କହୁଛି, ବହୁ ବର୍ଷ ପରେ ଓଡ଼ିଶାରେ ବିଜେପି ନିଜ ଦମ୍‌ରେ ଶାସନ ଡୋରି ଧରିଛି। କେନ୍ଦ୍ରୀୟ ବିଜେପି ପାଇଁ ଓଡ଼ିଶାର ସଂଗଠନ ଗୁରୁତ୍ୱ ରଖୁଛି। ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କ ଠାରୁ ଆରମ୍ଭ କରି କେନ୍ଦ୍ରମନ୍ତ୍ରୀ ଅମିତ୍ ଶାହ, ରାଷ୍ଟ୍ରୀୟ ସଭାପତି ଜେପି ନଡ୍ଡା ଯାଏଁ ସମସ୍ତଙ୍କ ନଜର ଓଡ଼ିଶା ଉପରେ ରହିଛି। ତେଣୁ ଦଳର ରାଜ୍ୟ ମୁଖିଆ ପଦ ପାଇଁ ଯେ କେନ୍ଦ୍ରୀୟ ନେତାଙ୍କ ଆଶୀର୍ବାଦ ଯେ ଦରକାର ତାହା ଜଳଜଳ।

ଦଳର ଗୋଟିଏ ଗୋଷ୍ଠୀ କହୁଛି, ନୂଆ ସଭାପତି ବଦଳରେ ଦଳ ମନମୋହନଙ୍କୁ ପୁଣି ଏ ଗୁରୁଦାୟିତ୍ୱ ଦେଇପାରେ। ମନମୋହନ ଏବେ ଦଳର ଅସ୍ଥାୟୀ ସଭାପତି ଭାର ତୁଲାଉଛନ୍ତି। ସେ ସାନି ସଭାପତି ହେବାରେ କୌଣସି ପ୍ରତିବନ୍ଧକ ନାହିଁ। ତାଙ୍କ ନେତୃତ୍ୱରେ ଗତ ନିର୍ବାଚନରେ ଦଳକୁ ଯେଉଁ ସଫଳତା ମିଳିଲା ତାର ପୁରସ୍କାର ଏଯାଏଁ ମିଳିନି। ଶ୍ରୀ ସାମଲ କାଳେ ପୂର୍ଣ୍ଣକାଳୀନ ୩ ବର୍ଷ ସ୍ଥାୟୀ ସଭାପତି ଭାବେ ଦାୟିତ୍ୱ ତୁଲାଇବାକୁ ମଧ୍ୟ ଆଗ୍ରହୀ ଅଛନ୍ତି। ଏପରିକି ସାନି ସଭାପତି ପଦ ତୁଲାଇବାକୁ ସେ ଅନ୍ୟ କୌଣସି ପଦ ପାଇଁ ଏଯାଏଁ ଆଗ୍ରହ ପ୍ରକାଶ କରିନାହାନ୍ତି। ଏପରିକି ତାଙ୍କ ନେତୃତ୍ୱରେ ଦଳ ଆଗାମୀ ପଞ୍ଚାୟତ ନିର୍ବାଚନ ଲଢ଼ିବା ଉଚିତ୍ ହେବ ବୋଲି ଅନେକ ଯୁକ୍ତି କରୁଛନ୍ତି। ତେଣୁ ଦଳ ତାଙ୍କୁ ପୁଣି ସଭାପତି ପଦରେ ବସାଇବାର ଯଥେଷ୍ଟ ସମ୍ଭାବନା ଥିବା ଚର୍ଚ୍ଚା ଜୋର ଧରିଛି। ମାତ୍ର ଅନ୍ୟ ଏକ ଗୋଷ୍ଠୀ କହୁଛି, ମନମୋହନଙ୍କୁ ଦଳ ଅନ୍ୟ ବାଟରେ ପୁରସ୍କୃତ କରିବ। ନୂଆମୁହଁକୁ ଦଳ ସଭାପତି ଭାବେ ଆଗକୁ ଆଣିବ। ଏ ନୂଆମୁହଁ ତାଲିକାରେ ବହୁ ନାଁ ଯୋଡ଼ା ହୋଇଛି। ସମୀର ମହାନ୍ତି, ଗୋଲକ ମହାପାତ୍ରଙ୍କ ଠାରୁ ଆରମ୍ଭ କରି ଆରଏସ୍‌ଏସ୍ ସହ ସଂପର୍କରେ ଥିବା କିଛି ନେତାଙ୍କ ନାଁ ମଧ୍ୟ ଚର୍ଚ୍ଚାକୁ ଆସୁଛି। ମାତ୍ର ଏଯାଏ ଚିତ୍ର ଅସ୍ପଷ୍ଟ ।

ବିଜେପି ରାଜ୍ୟ ମୁଖିଆ ଚୟନ ପାଇଁ ରାଜ୍ୟ ସଭାପତି ମନମୋହନ ସାମଲଙ୍କ ସହ ପ୍ରଭାରୀ ବିଜୟ ପାଲ ସିଂ ତୋମାର, ସହ ପ୍ରଭାରୀ ଲତା ଉସେଣ୍ଡି, କେନ୍ଦ୍ରମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ, ଅଶ୍ୱିନୀ ବୈଷ୍ଣବ, ଜୁଏଲ ଓରାମ, ସଂଗଠନ ମନ୍ତ୍ରୀ ମାନସ ମହାନ୍ତି, ରାଷ୍ଟ୍ରୀୟ ଉପାଧ୍ୟକ୍ଷ ବୈଜୟନ୍ତ ପଣ୍ଡାଙ୍କ ସମେତ କୋର୍ କମିଟି ସଦସ୍ୟମାନେ ବୈଠକରେ ଏକାଠି ହୋଇ ଏ ସଂପର୍କରେ ଚର୍ଚ୍ଚା କରିଛନ୍ତି। ସପ୍ତାହକ ମଧ୍ୟରେ ଜିଲ୍ଲା ସଭାପତିଙ୍କ ନାମ ଚୂଡ଼ାନ୍ତ ହୋଇ ଘୋଷଣା ପରେ ରାଜ୍ୟ ସଭାପତି ଚୟନ କରାଯିବ। ଏଥିପାଇଁ ଦିଲ୍ଲୀରୁ ସଂଜୟ ଜୟସ୍ୱାଲ ଆସିବେ। ତାଙ୍କ ଉପସ୍ଥିତିରେ ହିଁ ସଭାପତିଙ୍କ ନାମ ଘୋଷଣା କରାଯିବ। ଏ ମାସ ଶେଷ ସୁଦ୍ଧା ସଭାପତି ଚୟନ କାମ ଶେଷ ହେବ ବୋଲି ସୂଚନା ମିଳିଛି।

ରାଜ୍ୟରେ ମଣ୍ଡଳ ଓ ବୁଥ୍ ସଭାପତି ନିର୍ବାଚନ ଶେଷ ହୋଇଛି। ନିୟମ ଅନୁସାରେ, ୫୦ ପ୍ରତିଶତ ଜିଲ୍ଲା ସଭାପତି ନାଁ ଚୂଡ଼ାନ୍ତ ପରେ ରାଜ୍ୟ ସଭାପତି ବଛାଯିବ। ଦଳ ତୃଣମୂଳ ଦାୟିତ୍ୱ ଏବେ ଯୁବବର୍ଗ (୩୫ରୁ ୪୫ ବର୍ଷ)ଙ୍କ ହାତରେ ଦେବାକୁ ସ୍ଥିର କରିଛି। ୧,୦୫୨ ମଣ୍ଡଳ ପାଇଁ ଯୁବ ନେତା ସଂଗଠନ ଦାୟିତ୍ୱରେ ରହିବେ। ଜିଲ୍ଲା ସଭାପତି ନେତୃତ୍ୱ ନେବାକୁ ୪୫ ରୁ ୬୦ ବର୍ଷ ବୟସ ଧାର୍ଯ୍ୟ ହୋଇଛି। ଯୁବ ଓ ପୁରୁଖା ନେତାଙ୍କ ସମ୍ମିଶ୍ରଣରେ ଦଳ ସନ୍ତୁଳନ ରଖି ସଂଗଠନକୁ ଆଗକୁ ନେବାକୁ ସ୍ଥିର କରିଛି।

## ଜାତୀୟ ମହିଳା ଆୟୋଗ ଅଧ୍ୟକ୍ଷାଙ୍କୁ ଭେଟିଲେ ଉପମୁଖ୍ୟମନ୍ତ୍ରୀ ପ୍ରଭାତୀ




ଭୁବନେଶ୍ୱର,୧୫।୧(ବ୍ୟୁରୋ): ବୁଧବାର ନୂଆଦିଲ୍ଲୀରେ ଜାତୀୟ ମହିଳା ଆୟୋଗର ଅଧ୍ୟକ୍ଷା ବିଜୟା ରାହତକରଙ୍କୁ ଭେଟିବା ସହ ଏହି ନୂତନ ଦାୟିତ୍ୱ ପାଇଁ ଶୁଭେଚ୍ଛା ଜଣାଇଛନ୍ତି ଉପମୁଖ୍ୟମନ୍ତ୍ରୀ ପ୍ରଭାତୀ ପରିଡ଼ା। ବିଜୟା ରାହତକରଙ୍କର ବଳିଷ୍ଠ ନେତୃତ୍ୱ, ବିସ୍ତୃତ ଅଭିଜ୍ଞତା ଏବଂ ତୃଣମୂଳ ସ୍ତରର ସଙ୍ଗଠନ ଦ୍ୱାରା ମହିଳା ସଶକ୍ତୀକରଣ ତଥା ମହିଳାଙ୍କର ଅଧିକାରର ସୁରକ୍ଷା ଦିଗରେ ଜାତୀୟ ମହିଳା ଆୟୋଗ ସଫଳତା ହାସଲ କରିବା ନେଇ ବିଶ୍ୱାସ ରହିଥିବା ଉପମୁଖ୍ୟମନ୍ତ୍ରୀ ଶ୍ରୀମତୀ ପରିଡ଼ା କହିଛନ୍ତି।

MCL
ମହାନଦୀ କୋଲ୍‌ଫିଲଡ୍‌ସ ଲିମିଟେଡ୍
(କୋଲ ଇଣ୍ଡିଆ ଲିମିଟେଡ୍‌ର ଏକ ସହାୟକ କମ୍ପାନୀ)
ଜାଗୃତି ବିହାର, ବୁର୍ଲା- ୭୬୮୦୨୦, ଜିଲ୍ଲା- ସମ୍ବଲପୁର, ଓଡ଼ିଶା
ଫୋନ୍ ନଂ- (ଇପିଏବିଏକ୍ସ)- ୦୬୬୩-୨୫୪୨୪୬୧ ରୁ ୪୬୯,
ୱେବସାଇଟ୍ : www.mahanadicoal.in

**ବିଜ୍ଞପ୍ତି**

"ସାମଗ୍ରୀଗୁଡ଼ିକର କ୍ରୟ କାର୍ଯ୍ୟ ଏବଂ ସେବା ନିମନ୍ତେ ସିଆଇଏଲ୍ ଏବଂ ଏହାର ସହାୟକ କମ୍ପାନୀଗୁଡ଼ିକ ଦ୍ୱାରା ଜାରି ସମସ୍ତ ଟେଣ୍ଡରଗୁଡ଼ିକ କୋଲ୍ ଇଣ୍ଡିଆ ଲିମିଟେଡ୍‌ର ୱେବ୍‌ସାଇଟ୍ www.coalindia.in/ ସମ୍ପୃକ୍ତ ସହାୟକ କମ୍ପାନୀ (MCL, www.mahanadicoal.in), ସିଆଇଏଲ୍ ଇ-କ୍ରୟ ପୋର୍ଟାଲ https://coalindiatenders.nic.in ଏବଂ କେନ୍ଦ୍ରୀୟ ସାର୍ବଜନିକ କ୍ରୟ ପୋର୍ଟାଲ https://eprocure.gov.in ରେ ଉପଲବ୍ଧ ତଥା ଏହା ବ୍ୟତୀତ, GeM portal https://gem.gov.in ଜରିଆରେ ମଧ୍ୟ କ୍ରୟ ସମ୍ପାଦନ କରାଯାଏ।"

R-5238

# ଯୁବ ନେତୃତ୍ୱଙ୍କୁ ରାଜ୍ୟ କଂଗ୍ରେସ ମଙ୍ଗ



ଉଦୟଭାନୁ ଚିବ୍

- ଦିଲ୍ଲୀରେ ସପ୍ତଗିରି, କାଡ଼ାମ୍
- ୨୦ରେ ଆସିବେ ଯୁବକଂଗ୍ରେସ ରାଷ୍ଟ୍ରୀୟ ସଭାପତି ଉଦୟଭାନୁ

ଭୁବନେଶ୍ୱର,୧୫ ।୧ (ବ୍ୟୁରୋ): ଏବେ ଆଉ ୬୦ ବର୍ଷରୁ ଅଧିକ ବୟସ୍କ ନେତାଙ୍କୁ ରାଜ୍ୟ କଂଗ୍ରେସର ମଙ୍ଗୁଆଳ କରାଯିବ ନାହିଁ। ଯିଏ ରାଜ୍ୟ ସାରା ଦୌଡ଼ି ପାରିବ, ସେଭଳି ଯୁବନେତାଙ୍କୁ ଦାୟିତ୍ୱ ଦିଆଯିବ। କଂଗ୍ରେସ ଭବନଠୁ ଆରମ୍ଭ କରି ସାରା ରାଜ୍ୟରେ କଂଗ୍ରେସ ନେତାଙ୍କ ଭିତରେ ଏଭଳି ଚର୍ଚ୍ଚା ଜୋର ଧରିଛି। ଏହି ଚର୍ଚ୍ଚା ମଧ୍ୟରେ କଂଗ୍ରେସର କିଛି ଯୁବନେତାଙ୍କ ନାମ ବି ଚର୍ଚ୍ଚାକୁ ଆସିଛି। ବିଶେଷ କରି କଂଗ୍ରେସର ଓଡ଼ିଶାରୁ ଜିତିଥିବା ଏକମାତ୍ର ସାଂସଦ ସପ୍ତଗିରି ଉଲ୍ଲାକାଙ୍କ ନାମ ଆଗରେ ରହିଛି। ଏହା ବ୍ୟତୀତ ପୂର୍ବତନ କଟକ ବାରବାଟୀ ବିଧାୟକ ମହମ୍ମଦ ମୋକିମ, ସାନଖେମୁଣ୍ଡି ବିଧାୟକ ରମେଶ ଜେନାଙ୍କ ନାମ ମଧ୍ୟ ଚର୍ଚ୍ଚା ହେଉଛି। ସପ୍ତଗିରି ଓ କଂଗ୍ରେସ ବିଧାୟକ ଦଳ ନେତା ରାମଚନ୍ଦ୍ର କାଡାମଙ୍କୁ ଦିଲ୍ଲୀରୁ ଡାକରା ଆସିବା ପରେ ଏହି ଚର୍ଚ୍ଚା ଜୋର ଧରିଛି।

ବରିଷ୍ଠ କଂଗ୍ରେସ ନେତାଙ୍କ କହିବା ଅନୁସାରେ ୨୦୨୯ ନିର୍ବାଚନ ପାଇଁ ଦଳ ଏବେଠୁ ବ୍ଲୁ ପ୍ରିଣ୍ଟ ପ୍ରସ୍ତୁତ କରିବ। ପ୍ରତିଟି ପ୍ରସଙ୍ଗରେ ଦଳ ତାର ସ୍ୱରକୁ ଶାଣିତ କରିବ। ଦଳର ହାଇକମାଣ୍ଡ ରାଜ୍ୟ କଂଗ୍ରେସର ଦୁଇ ବରିଷ୍ଠ ନେତାଙ୍କୁ ହଠାତ୍ ଦିଲ୍ଲୀ ଡକରା ପରେ ଏବେ ରାଜ୍ୟ କଂଗ୍ରେସ ଶିବିର ବେଶ ଚଳଚଞ୍ଚଳ ହୋଇପଡ଼ିଛି। ଗୋଟିଏ ପଟେ ପିସିସି ସଭାପତି ଚୟନ ନେଇ ଚର୍ଚ୍ଚା ଜୋର ଧରିଥିବା ବେଳେ ସେପଟେ ଆସନ୍ତା ୨୦ ତାରିଖରେ ଯୁବକଂଗ୍ରେସର ରାଷ୍ଟ୍ରୀୟ ସଭାପତି ଉଦୟଭାନୁ ଚିବ୍ ଓଡ଼ିଶା ଆସୁଛନ୍ତି। ତାଙ୍କ ଗସ୍ତ ବେଳେ ଲୋୟର୍ ପିଏମଜିରେ ଏକ ବିଶାଳ ଯୁବ ସମାବେଶ କରାଯିବ। ସମାବେଶକୁ ସଫଳ କରିବା ପାଇଁ ଯୁବକଂଗ୍ରେସର ରାଷ୍ଟ୍ରୀୟ ସମ୍ପାଦକ ଓଡ଼ିଶା ଆସି ଡେରା ପକାଇଛନ୍ତି। କାର୍ଯ୍ୟକ୍ରମକୁ ସଫଳ କରିବା ପାଇଁ ଏକ କମିଟି ମଧ୍ୟ ଗଢ଼ିଛନ୍ତି। ଏହି କମିଟିରେ ଯୁବକଂଗ୍ରେସର ପୂର୍ବତନ ସଭାପତି ରଣଜିତ ପାତ୍ରଙ୍କୁ ଆବାହକ ଭାବେ ନିଯୁକ୍ତ କରାଯାଇଛି।

ସେହିପରି ଛାତ୍ର କଂଗ୍ରେସର ପୂର୍ବତନ ରାଜ୍ୟ ସଭାପତି ୟାସିର ନୱାଜ ଓ ଯୁବନେତା କୃଷ୍ଣ ଚନ୍ଦ୍ର ମହାନ୍ତିଙ୍କୁ ସଂଯୋଜନା ଦାୟିତ୍ୱ ଦିଆଯାଇଛି। ଏହା ବ୍ୟତୀତ ଯୁବକଂଗ୍ରେସର ନିହାର ରଞ୍ଜନ ବେହେରା, ଗୋପନ ମାର୍ଥା, ସୁଦିପ ସାମଲ, ଅଭିଜିତ ଜେନା, ସ୍ୱାଗତ କର, ମହମ୍ମଦ ଗୁଲଫାମ, ମହମ୍ମଦ ପରୱେଜ, କେଦାର ଦଳାଇ, ଲିପିକା ମାଝି ପ୍ରମୁଖଙ୍କୁ ଯୁବକଂଗ୍ରେସର ବିକ୍ଷୋଭ ସଫଳ କରିବାକୁ ଦାୟିତ୍ୱ ଦିଆଯାଇଛି।

### ନବ ଦାସ ହତ୍ୟାର ସିବିଆଇ ତଦନ୍ତ ପ୍ରସଙ୍ଗ

# ମୁହଁ ଖୋଲିଲେ ଦୀପାଳି

ଭୁବନେଶ୍ୱର,୧୫।୧(ବ୍ୟୁରୋ): ପୂର୍ବତନ ମନ୍ତ୍ରୀ ନବ ଦାସଙ୍କ ହତ୍ୟା ମାମଲା ନେଇ ରାଜନୀତି ଥମୁନି। ଏହି ମାମଲାର ସିବିଆଇ ତଦନ୍ତ ପାଇଁ ନବଙ୍କ ପରିବାର କାହିଁକି ଦାବି କରୁନାହାନ୍ତି ବୋଲି ବିଜେପି ନେତାମାନେ ପ୍ରଶ୍ନ କରିବା ପରେ ମୁହଁ ଖୋଲିଛନ୍ତି ଦୀପାଳି ଦାସ। ନବଙ୍କ ଝିଅ ତଥା ପୂର୍ବତନ ବିଧାୟିକା ଦୀପାଳି ଗଣମାଧ୍ୟମକୁ କହିଛନ୍ତି, ସରକାର ଯଦି ସିବିଆଇ ତଦନ୍ତ କରିବାକୁ ଚାହୁଁଛନ୍ତି, ତେବେ ମୋ' ସହ ଓ ମୋ ପରିବାର ସହ ମୁଖ୍ୟମନ୍ତ୍ରୀ ଆଲୋଚନା କରନ୍ତୁ। ଆମ ପରିବାର ସମ୍ପର୍କରେ ମନଇଚ୍ଛା ଟିପ୍ପଣୀ ବନ୍ଦ କରନ୍ତୁ। ଦୀପାଳି କହିଛନ୍ତି, ସାମାଜିକ ଗଣମାଧ୍ୟମ ଓ କିଛି ଗଣମାଧମରେ ମୋ' ସମ୍ପର୍କରେ ଓ ମୋ' ପରିବାର ଉପରେ

**ମୁଖ୍ୟମନ୍ତ୍ରୀ ଆମ ପରିବାରକୁ ଡାକି ଆଲୋଚନା କରନ୍ତୁ**

ମନଇଚ୍ଛା ଆକ୍ଷେପ କରାଯାଉଛି। ଏହା ଆମକୁ ମାନସିକ ଆଘାତ ଦେଉଛି। ବିଜେପି ନେତାମାନେ ମୋ' ବାପାଙ୍କ ମୃତ୍ୟୁ ପ୍ରସଙ୍ଗକୁ ବାରମ୍ବାର ଗଣମାଧମରେ ଉଠାଉଛନ୍ତି। ମୁଁ କାହିଁକି ସିବିଆଇ ତଦନ୍ତ ପାଇଁ କହୁନି ବୋଲି ସେମାନେ ପ୍ରଶ୍ନ କରୁଛନ୍ତି। ମୋ' ପରିବାର ପକ୍ଷରୁ ସରକାରଙ୍କୁ ପ୍ରଶ୍ନ କରୁଛି, ବାପାଙ୍କ ମାମଲାର ସିବିଆଇ ତଦନ୍ତ ପାଇଁ ଆଗକୁ ବଢ଼ିବେ କି? ବିଜେପି ନେତାମାନେ ଆମ ସହ ଛିଡ଼ା ହେବେ କି? ମୁଁ କାହିଁକି ଲିଖିତ ଭାବେ ସିବିଆଇ ତଦନ୍ତର ଦାବି କରୁନି ବୋଲି ସେମାନେ କହୁଛନ୍ତି। ହେଲେ ମୋ' ଭାଇକୁ ଯେତେବେଳେ ଛତିଶଗଡ଼ରେ ବିନା କୌଣସି ଅଭିଯୋଗ, ଏଫ୍‌ଆଇଆରରେ ଅଟକ ରଖାଯାଇଥିଲା, ସେତେବେଳେ ଲିଖିତ କାଗଜ ମାଗିଥିଲେ କି? ଯଦି ସରକାର ସିବିଆଇ ତଦନ୍ତ କରିବାକୁ ଚାହୁଁଛନ୍ତି, ତେବେ ମୁଖ୍ୟମନ୍ତ୍ରୀ ଆମ ପରିବାରକୁ ଡାକି ଆଲୋଚନା କରନ୍ତୁ।

## ସାର୍ବଜନୀନ ବିଜ୍ଞପ୍ତି

ଏତଦ୍ୱାରା ସର୍ବସାଧାରଣଙ୍କୁ ଅବଗତ କରାଯାଉଛି ଯେ ଭାରତ ସରକାରଙ୍କ ଆୟୁଷ ମନ୍ତ୍ରଣାଳୟ ଗଞ୍ଜେଇ ବିଶେଷଜ୍ଞ / ହେମ୍ପ୍‌ବୈଦ୍ୟସ/ଗଞ୍ଜେଇ ଡାକ୍ତର ଭାବରେ କୌଣସି ବିଶେଷଜ୍ଞତାକୁ ସମର୍ଥନ କରେ ନାହିଁ କିମ୍ବା ଗଞ୍ଜେଇ ସମ୍ବନ୍ଧୀୟ କୌଣସି କାର୍ଯ୍ୟକୁ ସମର୍ଥନ କରେ ନାହିଁ ଯାହା ଆଇନଗତ ନିୟମ ପାଳନ କରେ ନାହିଁ। ଆୟୁଷ ମନ୍ତ୍ରଣାଳୟ କୌଣସି ଭୁଲ୍ ବୁଝାମଣାକୁ ଦୂର କରିବା ଏବଂ ଜନସାଧାରଣଙ୍କୁ ଠିକ୍ ସୂଚନା ପ୍ରଦାନ କରିବା ପାଇଁ ଏକ ସ୍ପଷ୍ଟୀକରଣ ଜାରି କରିବାକୁ ଚାହୁଁଛି।

୨. ଆୟୁଷ ମନ୍ତ୍ରଣାଳୟ ଜନସାଧାରଣଙ୍କୁ ସୂଚିତ କରୁଛି ଯେ-

୧. **ଆୟୁଷ ପ୍ରଣାଳୀରେ ଗଞ୍ଜେଇ ବିଶେଷଜ୍ଞ ନାହାନ୍ତି :** ଆୟୁଷ ସ୍ୱାସ୍ଥ୍ୟ ସେବା ପ୍ରଣାଳୀରେ ଗଞ୍ଜେଇ ବିଶେଷଜ୍ଞ / ହେମ୍ପବୈଦ୍ୟସ ବିଶେଷଜ୍ଞ ନାହାନ୍ତି।

୨. **ଜନସାଧାରଣଙ୍କ ପାଇଁ ସତର୍କତା :** ଜନସାଧାରଣ ନିଜକୁ ସ୍ୱାସ୍ଥ୍ୟସେବାର ଆୟୁଷ ପ୍ରଣାଳୀରେ ଗଞ୍ଜେଇ ବିଶେଷଜ୍ଞ ବୋଲି ଦାବି କରୁଥିବା ବ୍ୟକ୍ତିଙ୍କଠାରୁ ମାର୍ଗଦର୍ଶନ କିମ୍ବା ଚିକିତ୍ସା ନେବାକୁ ନିଜକୁ ଦୂରେଇ ରଖିବା ଉଚିତ୍।

୩. **ଆଇନଗତ ବିଚାର :** ଏହା ଗୁରୁତ୍ୱପୂର୍ଣ୍ଣ ଯେ ଭାରତରେ ଗଞ୍ଜେଇ ଚାଷ, ରଖିବା, ବିକ୍ରୟ କିମ୍ବା ବ୍ୟବହାର ଏବଂ ଏହାର ଡେରିଭେଟିଭ୍‌ସ ଆଇନ ଦ୍ୱାରା ନିୟନ୍ତ୍ରିତ ହୋଇଥାଏ।

୪. **ପ୍ରାମାଣିକ ସୂଚନା ନିଅନ୍ତୁ :** ଆୟୁଷ ଅଭ୍ୟାସ, ଚିକିତ୍ସା ଓ ଉପଚାର ବିଷୟରେ ପ୍ରାମାଣିକ ସୂଚନା ପାଇଁ ଜନସାଧାରଣଙ୍କୁ ପଞ୍ଜୀକୃତ ଆୟୁଷ ଚିକିତ୍ସକ ଏବଂ ସ୍ୱୀକୃତିପ୍ରାପ୍ତ ସ୍ୱାସ୍ଥ୍ୟସେବା ପ୍ରଦାନକାରୀଙ୍କ ସହିତ ପରାମର୍ଶ କରିବାକୁ ଉତ୍ସାହିତ କରାଯାଏ।

୫. **ଭ୍ରମାତ୍ମକ ସୂଚନା ବିଷୟରେ ସୂଚିତ କରନ୍ତୁ :** ଯଦି କୌଣସି ନାଗରିକ ଆୟୁଷ ପ୍ରଣାଳୀ ମଧ୍ୟରେ ଗଞ୍ଜେଇ ସମ୍ବନ୍ଧୀୟ କୌଣସି ବିଭ୍ରାନ୍ତିକର ଦାବି କିମ୍ବା ଅଭ୍ୟାସର ସମ୍ମୁଖୀନ ହୁଅନ୍ତି ତେବେ ସେମାନେ ଅଧିକ ଅନୁସନ୍ଧାନ ଓ କାର୍ଯ୍ୟାନୁଷ୍ଠାନ ପାଇଁ ସଂପୃକ୍ତ ରାଜ୍ୟ ଲାଇସେନ୍ସିଂ କର୍ତ୍ତୃପକ୍ଷ ଏବଂ/କିମ୍ବା ଆୟୁଷ ମନ୍ତ୍ରଣାଳୟକୁ ayush-medicine@gov.in ମାଧ୍ୟମରେ ରିପୋର୍ଟ କରିପାରିବେ।

ଆୟୁଷ ମନ୍ତ୍ରଣାଳୟର ଆଭିମୁଖ୍ୟ ସ୍ପଷ୍ଟ କରିବା ଏବଂ ଆୟୁଷ ପ୍ରଣାଳୀରେ ସ୍ୱୀକୃତିପ୍ରାପ୍ତ ଅଭ୍ୟାସ ଓ ପେସାଦାରମାନଙ୍କ ବିଷୟରେ ଜନସାଧାରଣ ଯେପରି ଭଲ ଭାବରେ ଅବଗତ ହୁଅନ୍ତି ତାହା ସୁନିଶ୍ଚିତ କରିବା ପାଇଁ ଏହି ସୂଚନା ପ୍ରଦାନ କରାଯାଉଛି।

CBC-17201/11/0019/2425 ଆୟୁଷ ମନ୍ତ୍ରଣାଳୟ

### କ୍ୟାପିଟାଲ ରିଜନ ରିଙ୍ଗରୋଡ

# ଅକ୍ଟୋବର ପରେ କାମ ଆରମ୍ଭ

- ମାର୍ଚ୍ଚ ଶେଷ ସୁଦ୍ଧା ଟେଣ୍ଡର ଚୂଡ଼ାନ୍ତ
- କଟକ-ପାରାଦୀପକୁ ନୂଆ ଏନ୍‌ଏଚ୍
- ପ୍ରଥମ ପର୍ଯ୍ୟାୟରେ ୯୬୮କୋଟିରେ ଟାଙ୍ଗୀ- କନ୍ଦରପୁର

ଭୁବନେଶ୍ୱର,୧୫।୧(ବ୍ୟୁରୋ): ୨୦୨୫ରେ ଓଡ଼ିଶାରେ ଜାତୀୟ ରାଜପଥର ୩ଟି ମେଗା ପ୍ରକଳ୍ପର ଶୁଭାରମ୍ଭ ହେବାକୁ ଯାଉଛି। ବହୁ ପ୍ରତୀକ୍ଷିତ କୋଷ୍ଟାଲ ହାଇୱେ ପ୍ରକଳ୍ପ ସହ କ୍ୟାପିଟାଲ ରିଜନ ରିଙ୍ଗରୋଡ ପ୍ରକଳ୍ପ ବି ଏହି ବର୍ଷ ଆରମ୍ଭ ହେବ। ବର୍ଷା ପରେ ଏହି ପ୍ରକଳ୍ପ କାମ ଆଗେଇବ। ସେହିପରି କଟକ-ପାରାଦୀପକୁ ଫିଟିବ ଏକ ନୂଆ ଜାତୀୟ ରାଜପଥ। ଏହି ପ୍ରକଳ୍ପରେ ପ୍ରଥମ ପର୍ଯ୍ୟାୟରେ କଟକ ଟାଙ୍ଗୀରୁ କନ୍ଦରପୁରକୁ ୨୧ କିମି ରାସ୍ତା ନିର୍ମାଣ ଶୀଘ୍ର ଆରମ୍ଭ ହେବ।

ଟ୍ୱିନ୍ ସିଟି କଟକ-ଭୁବନେଶ୍ୱର ଭିତରେ ଟ୍ରାଫିକ ସମସ୍ୟା ଦୂର କରିବା ପାଇଁ ବହୁ ପ୍ରତୀକ୍ଷିତ କ୍ୟାପିଟାଲ ରିଜନ ରିଙ୍ଗରୋଡ୍ ପ୍ରକଳ୍ପ ବାସ୍ତବ ରୂପ ନେବାକୁ ଯାଉଛି। ୨୦୧୫ ଜାନୁଆରୀରେ ଭୁବନେଶ୍ୱରରେ ରୋଡ୍ କଂଗ୍ରେସ ଆୟୋଜିତ ହୋଇଥିବାବେଳେ କ୍ୟାପିଟାଲ ରିଜନ ରିଙ୍ଗରୋଡ ପ୍ରକଳ୍ପ ଘୋଷଣା ହୋଇଥିଲା। ଏବେ ଏହି ପ୍ରକଳ୍ପ ପାଇଁ ୩ଟି ପ୍ୟାକେଜ୍‌ରେ ଟେଣ୍ଡର ଆହ୍ୱାନ କରାଯାଇଛି। ୨୦୨୫ ମାର୍ଚ୍ଚ ଶେଷ ସୁଦ୍ଧା ଏହାର ଟେଣ୍ଡର ଚୂଡ଼ାନ୍ତ ହେବ। ଏନଏଚ୍‌ଏଆଇ ଅଧିକାରୀଙ୍କ କହିବାନୁସାରେ ଟେଣ୍ଡର ଚୂଡ଼ାନ୍ତ ପରେ ବାକି ଥିବା ଅନୁମୋଦନ ପ୍ରକ୍ରିୟା ଶେଷ କରାଯିବ। ପ୍ରକଳ୍ପ ପାଇଁ ଜମି ଅଧିଗ୍ରହଣ ଜୋରସୋରରେ ଚାଲିଛି। ବର୍ଷା ଦିନ ସରିବା ପରେ ଅକ୍ଟୋବର ଶେଷ କିମ୍ବା ନଭେମ୍ବରରେ କାମ ଆରମ୍ଭ ହେବ।

କଟକ-ଭୁବନେଶ୍ୱର ସହର ମଧ୍ୟ ଦେଇ ଯାଇଥିବା ୧୬ ନମ୍ବର ଜାତୀୟ ରାଜପଥରୁ ଭିଡ଼ କମାଇବା ପାଇଁ ଖୋର୍ଦ୍ଧାର ରାମେଶ୍ୱରରୁ କଟକ ଟାଙ୍ଗୀ ପର୍ଯ୍ୟନ୍ତ ୬ ଲେନ୍ ବିଶିଷ୍ଟ ୧୧୧ କିଲୋମିଟର ନୂଆ ସଡ଼କ ନିର୍ମାଣ ହେବ। ପ୍ୟାକେଜ୍-୧ରେ ଖୋର୍ଦ୍ଧାର ରାମେଶ୍ୱରମଠାରୁ ବାଙ୍କୀ ପାଖ ବିଲିପଡ଼ା ପର୍ଯ୍ୟନ୍ତ ୪୦ କିମି ରାସ୍ତା ନିର୍ମାଣ ପାଇଁ ୧୭୧୫ କୋଟି ଟଙ୍କା ବ୍ୟୟ ହେବ। ପ୍ୟାକେଜ୍-୨ରେ ବିଲିପଡ଼ାରୁ ଗୋବିନ୍ଦପୁରକୁ ୩୦ କିମି ରାସ୍ତା ପାଇଁ ୧୪୦୨ କୋଟି, ପ୍ୟାକେଜ-୩ରେ ଗୋବିନ୍ଦପୁରରୁ (କୁଶପାଙ୍ଗୀ ପାଖ) ଟାଙ୍ଗୀ ବଦାଳ ଟୋଲ ପ୍ଲାଜା (ଏନଏଚ୍-୧୬) ପର୍ଯ୍ୟନ୍ତ ୪୦ କିମି ରାସ୍ତା ପାଇଁ ୧୧୮୫ କୋଟି ଟଙ୍କା ବ୍ୟୟ ହେବ। ଏହି ରାସ୍ତା ୧୬ ନମ୍ବର ଜାତୀୟ ରାଜପଥରେ ରାମେଶ୍ୱର ପାଖରୁ ବାହାରି ଏନ୍‌ଏଚ୍ ୫୭ ଦେଇ ବାଙ୍କୀ ପାଖରେ ମହାନଦୀ ଉପରେ ଯିବ। କଟକ ତିଗିରିଆ, ଶଙ୍କରପୁର, ଶାସନ ପାଖ ଦେଇ ଢେଙ୍କାନାଳର ଗୋବିନ୍ଦପୁର ପାଖରେ ଏନଏଚ୍ ୫୫ ଅତିକ୍ରମ କରିବା ପରେ ରାଜବାଟୀ ଓ ବରପଦା ଦେଇ ଟାଙ୍ଗୀ ପାଖରେ ପୁଣି ୧୬ ନଂ ଏନ୍‌ଏଚ୍ ଛୁଇଁବ।

କଟକରୁ ପାରାଦୀପକୁ ନିର୍ମାଣ ହେବ ୪ ଲେନ୍ ନୂଆ ଜାତୀୟ ରାଜପଥ। କଟକ ଟାଙ୍ଗୀ ପାଖରୁ ବାହାରି କନ୍ଦରପୁର ଦେଇ ପାରାଦୀପକୁ ଛୁଇଁବ ଏହି ରାସ୍ତା। ପ୍ରଥମ ପର୍ଯ୍ୟାୟରେ ବର୍ତ୍ତମାନ ଟାଙ୍ଗୀରୁ କନ୍ଦରପୁର ପର୍ଯ୍ୟନ୍ତ ୨୧ କିମି ରାସ୍ତା ହେବ। ଏଥିପାଇଁ ୯୬୮ କୋଟି ଖର୍ଚ୍ଚ ଆକଳନ କରାଯାଇଛି। ଏହି ପ୍ରକଳ୍ପରେ ପ୍ରଥମ ପ୍ୟାକେଜ ଟେଣ୍ଡର ଆହ୍ୱାନ କରାଯାଇଛି। ଫେବ୍ରୁଆରୀ ୫ ଆବେଦନର ଶେଷ ତାରିଖ। ଜମି ଅଧିଗ୍ରହଣ ବି ଆରମ୍ଭ ହୋଇଯାଇଛି। ସୂତ୍ର ଅନୁସାରେ ପ୍ରଥମ ପର୍ଯ୍ୟାୟ କାମ ୨୦୨୫-୨୬ରେ ହିଁ ଆରମ୍ଭ ହେବ। କନ୍ଦରପୁରରୁ ପାରାଦୀପ ପର୍ଯ୍ୟନ୍ତ ଅବଶିଷ୍ଟ ଅଂଶ ପାଇଁ ବର୍ତ୍ତମାନ ଡିପିଆର୍ କାମ ଚାଲିଛି। କନ୍ଦରପୁରରୁ ପାରାଦୀପ ଓ ଜଗତସିଂହପୁରକୁ ଦୁଇଟି ରାସ୍ତା ଯାଇଥିବାବେଳେ ପ୍ରସ୍ତାବିତ ଜାତୀୟ ରାଜପଥ ଏହା ମଝି ଦେଇ ଯିବ। ଡବଲ୍ ଇଞ୍ଜିନ ସରକାର ଆସିବା ପରେ କୋଷ୍ଟାଲ ହାଇୱେ ପ୍ରକଳ୍ପ ବି ଗତି ପାଇଛି। ୪ଟି ପ୍ୟାକେଜ୍‌ରେ ୧୬୩ କିମି ପାଇଁ ଏନଏଚଏଆଇ ଟେଣ୍ଡର ଡାକିଛି। ମାର୍ଚ୍ଚ ଶେଷ ସୁଦ୍ଧା ଟେଣ୍ଡର ଚୂଡ଼ାନ୍ତ ହେବ। ତା'ପରେ କାମ ଆରମ୍ଭ ହେବ।

ପ୍ରଥମ ପ୍ୟାକେଜରେ ୧୫୯୨ କୋଟି ବ୍ୟୟରେ ପୁରୀରୁ କାକଟପୁର ୪୨ କିମି, ଦ୍ୱିତୀୟ ପ୍ୟାକେଜରେ ୨୨୦୧ କୋଟି ବ୍ୟୟରେ କାକଟପୁରରୁ ଏରସମାକୁ ୪୭ କିମି, ତୃତୀୟ ପ୍ୟାକେଜରେ ୧୩୭୦ କୋଟି ବ୍ୟୟରେ ଏରସମାରୁ ପାରାଦୀପକୁ ୨୬ କିମି, ଚତୁର୍ଥ ପ୍ୟାକେଜରେ ୧୮୭୫ କୋଟି ଟଙ୍କା ବ୍ୟୟରେ ରାମେଶ୍ୱରରୁ ପୁରୀକୁ ୪୭ କିମି କୋଷ୍ଟାଲ ହାଇୱେ ଲମ୍ବିବ। ମୋଟ ୧୬୩ କିମି ପାଇଁ ୭୦୪୦ କୋଟି ଟଙ୍କା ଖର୍ଚ୍ଚ ହେବ।

## ସାଙ୍କେତିକ ଦଖଲ ନୋଟିସ

ICICI Bank

ଶାଖା କାର୍ଯ୍ୟାଳୟ : ଆଇସିଆଇସିଆଇ ବ୍ୟାଙ୍କ ଲିମିଟେଡ୍, ବିପି-4, ଟେକ୍‌ନୋପଲିସ୍ ବିଲ୍ଡିଂ, 4ର୍ଥ ମହଲା, ସେକ୍ଟର V, ସଲ୍ଟ ଲେକ୍ ସିଟି, କୋଲକାତା, ପଶ୍ଚିମବଙ୍ଗ-700091
ସିଆଇଏନ୍ ନଂ : L65190GJ1994PLC021012, www.icicibank.com

ସିକ୍ୟୁରିଟାଇଜେସନ, ରିକନଷ୍ଟ୍ରକସନ ଅଫ୍ ଫାଇନାନ୍ସିଆଲ୍ ଆସେଟ୍‌ସ ଆଣ୍ଡ ଏନଫୋର୍ସମେଣ୍ଟ ଅଫ୍ ସିକ୍ୟୁରିଟି ଇଣ୍ଟ୍ରେଷ୍ଟ ଆକ୍ଟ 2002 ଅଧୀନରେ ଆଇସିଆଇସିଆଇ ବ୍ୟାଙ୍କର ପ୍ରାଧିକୃତ ଅଧିକାରୀ ଏବଂ ସିକ୍ୟୁରିଟି ଇଣ୍ଟ୍ରେଷ୍ଟ (ଏନଫୋର୍ସମେଣ୍ଟ) ରୁଲ୍ 2002 ର ରୁଲ୍ 3 ସହିତ ଧାରା 13 (12) ଅନୁସାରେ ଦିଆଯାଇଥିବା କ୍ଷମତାର ବ୍ୟବହାର କରି ଉପରୋକ୍ତ ଋଣଗ୍ରହୀତାଙ୍କୁ ଉକ୍ତ ନୋଟିସ୍ ପାଇବାର 60 ଦିନ ମଧ୍ୟରେ ନୋଟିସରେ ଦର୍ଶାଯାଇଥିବା ରାଶି ପରିଶୋଧ କରିବାକୁ ଡିମାଣ୍ଡ ନୋଟିସ ଜାରି କରିଥିଲେ।
ଟଙ୍କା ପରିଶୋଧ କରିବାରେ ବିଫଳ ହେବା ହେତୁ, ନିମ୍ନଲିଖିତ ତାରିଖରେ ଉକ୍ତ ଆଇନର ଧାରା 13 (4) ଏବଂ ଉପରୋକ୍ତ ନିୟମର ରୁଲ୍ 8 ଅନୁସାରେ ନିମ୍ନ ଉଲ୍ଲେଖିତ ତାରିଖଗୁଡ଼ିକରେ ତାଙ୍କୁ ଦିଆଯାଇଥିବା କ୍ଷମତା ବ୍ୟବହାର କରି ନିମ୍ନ ସ୍ୱାକ୍ଷରିତ ବ୍ୟକ୍ତି ନିମ୍ନଲିଖିତ ସମ୍ପତ୍ତିକୁ ନିଜ ସାଙ୍କେତିକ ଦଖଲକୁ ନେଇଛନ୍ତି ବୋଲି ଋଣଗ୍ରହୀତା ଏବଂ ସାଧାରଣ ଜନତାଙ୍କୁ ନୋଟିସ ମାଧ୍ୟମରେ ସୂଚିତ କରାଯାଉଛି। ଏତଦ୍ୱାରା ବିଶେଷ କରି ଋଣଗ୍ରହୀତା ଓ ସାଧାରଣ ଜନତାଙ୍କୁ ଏହି ସମ୍ପତ୍ତିର କାରବାର ନ କରିବାକୁ ସତର୍କ କରାଯାଉଛି। ସମ୍ପତ୍ତି ସହିତ କୌଣସି କାରବାର ଆଇସିଆଇସିଆଇ ବ୍ୟାଙ୍କ ଲିମିଟେଡର ଦେୟ ଉପରେ ନିର୍ଭର କରିବ।

| କ୍ର. ନଂ. | ଋଣଗ୍ରହୀତା (ସମୂହ)ଙ୍କ ନାମ/ ଋଣ ଖାତା ନମ୍ବର | ସମ୍ପତ୍ତିର ବିବରଣୀ/ ସାଙ୍କେତିକ ଦଖଲର ତାରିଖ | ଡିମାଣ୍ଡ ନୋଟିସର ତାରିଖ/ଡିମାଣ୍ଡ ନୋଟିସରେ ପରିମାଣ (ଟ.) | ଶାଖାର ନାମ |
|---|---|---|---|---|
| 1 | ଅନୁଜ କୁମାର ମହାନ୍ତି /ଜଲି ଦାସ /ପି-11, ଯୋଗେନ୍ଦ୍ର ଗାର୍ଡେନ ରୋଡ୍, (ଦକ୍ଷିଣ), ହାଲତୁ, କାସବା ପଶ୍ଚିମବଙ୍ଗ, କୋଲକାତା - 700078 / LBCAL00002257271 | ଏକ ଆବାସିକ ଫ୍ଲାଟ, ଚତୁର୍ଥ ମହଲା (ଉତ୍ତର-ପୂର୍ବ ପାର୍ଶ୍ୱ), ପରିସର ନଂ.75, ଗୋଟିଏ ଆବାସିକ ଫ୍ଲାଟ୍, ଚତୁର୍ଥ ମହଲା (ଉତ୍ତର-ପୂର୍ବ ସାଇଡ), ପ୍ରେମିସ୍ ନଂ. 75, କୋଲକାତା ମ୍ୟୁନିସିପାଲ୍ କର୍ପୋରେସନ, ମୌଜା କାସବା, ସବ୍ ରେଜିଷ୍ଟ୍ରି ଅଫିସ୍ ପୂର୍ବରୁ ଆଲିପୁର, ବର୍ତ୍ତମାନ ଏ.ଡି.ଏସ.ଆର ଅଫିସ୍, ସା- ସିଆଲଦା, ଜିଲ୍ଲା ଦକ୍ଷିଣ 24 ପ୍ରଗଣା, କୋଲକାତା - 700078, ପଶ୍ଚିମବଙ୍ଗ, ଫ୍ଲାଟର ପରିମାପ କ୍ଷେତ୍ରଫଳ ଅନ୍ୟୁନ 780 ବର୍ଗ ଫୁଟ। ସୁପର ବିଲ୍ଟ ଅପ୍ ଏରିଆ / ସାଙ୍କେତିକ ତାରିଖ: 10.01.2025 | ଅକ୍ଟୋବର 25,2024 ଟ. 23,77,178.83/- | କୋଲକାତା/ ଭୁବନେଶ୍ୱର |

ଉପର ବର୍ଣ୍ଣିତ ଋଣଗ୍ରହୀତା (ସମୂହ) / ଗ୍ୟାରେଣ୍ଟର (ସମୂହ) ଏହି ପରିମାଣକୁ ପରିଶୋଧ କରିବା ନିମନ୍ତେ 30 ଦିନର ନୋଟିସ ଜାରି କରାଯାଉଛି, ନଚେତ୍ ବନ୍ଧକ ସମ୍ପତ୍ତି ଏହି ନୋଟିସ ପ୍ରକାଶିତ ହେବା ତାରିଖ ଠାରୁ 30 ଦିନ ପରେ ସିକ୍ୟୁରିଟି ଇଣ୍ଟ୍ରେଷ୍ଟ (ଏନଫୋର୍ସମେଣ୍ଟ) ରୁଲ୍ 2002 ର ରୁଲ୍ 8 ଓ 9ର ବ୍ୟବସ୍ଥା ଅନୁସାରେ ବିକ୍ରି କରାଯିବ।

ତାରିଖ : ଜାନୁୟାରୀ 16, 2025
ସ୍ଥାନ : ଭୁବନେଶ୍ୱର

ଭବଦୀୟ ପ୍ରାଧିକୃତ ସ୍ୱାକ୍ଷରକାରୀ
ଆଇସିଆଇସିଆଇ ବ୍ୟାଙ୍କ ଲିମିଟେଡ୍ ପାଇଁ

### ସାଇବର ଠକଙ୍କ ଟାର୍ଗେଟରେ କଲେଜ ଅଧ୍ୟକ୍ଷ

# ବିନା ଓଟିପିରେ ନେଇଗଲେ ଲକ୍ଷେ

ଚନ୍ଦ୍ରଶେଖରପୁର,୧୫ ।୧(ଆପ୍ର): ନା ଓଟିପି ଦେଇଥିଲେ ନା କୌଣସି ବ୍ୟାଙ୍କ ତଥ୍ୟ। ହେଲେ ଆଧାର ଓ ପାନ କାର୍ଡର ତଥ୍ୟ ୱେବସାଇଟରେ ଅପଲୋଡ୍ କରୁ କରୁ ଆକାଉଣ୍ଟରୁ ୧ ଲକ୍ଷ ଟଙ୍କା ଉଡି ଯାଇଥିଲା। ଏମିତି ଅଭିଯୋଗ ଆସିଛି ଚନ୍ଦ୍ରଶେଖରପୁର ଅଞ୍ଚଳରୁ। ଏଥର ସାଇବର ଠକଙ୍କ ଜାଲରେ ଜଣେ ଇଞ୍ଜିନିୟରିଂ କଲେଜ ଅଧ୍ୟକ୍ଷ ପଡ଼ିଛନ୍ତି। ଟଙ୍କା ଫେରିବାକୁ ସେ ଥାନାର ଦ୍ୱାରସ୍ଥ ହୋଇଥିଲେ। ପରେ ସେ ସାଇବର ଥାନାରେ ଅଭିଯୋଗ କରିଛନ୍ତି। ଭୁବନେଶ୍ୱରର ଏକ ଘରୋଇ ଇଞ୍ଜିନିୟରିଂ କଲେଜର ଅଧ୍ୟକ୍ଷ ପ୍ରଶାନ୍ତ କିସ୍କୁଙ୍କ ପାଖକୁ ବିଦ୍ୟୁତ୍ ବିଲ ପୈଠ କରିବାକୁ ଏକ ମେସେଜ ଆସିଥିଲା। ମେସେଜରେ ଥିବା ଫୋନ୍ ନମ୍ବରରେ କଲ କରିବା ପରେ କେମିତି ପୈଠ ହେବ ସେ ବୁଝିଥିଲେ। ଠକ ଜଣଙ୍କ ସମସ୍ତ ତଥ୍ୟ ଦେବା ସହ ଏକ ୱେବସାଇଟ୍ ଦେଇଥିଲା। ପ୍ରଶାନ୍ତ ସେ ୱେବସାଇଟରେ ଆଧାର ଏବଂ ପ୍ୟାନ ନମ୍ବର ଦେବା ପରେ ଟଙ୍କା କଟିବା ଆରମ୍ଭ ହୋଇଥିଲା। ଚାହୁଁ ଚାହୁଁ ୧ ଲକ୍ଷ ଟଙ୍କା ଉଡି ଯାଇଥିଲା। ସେଥିରେ ଥିବା ଫୋନ୍ ନମ୍ବରରେ କଲ କରିଥିଲେ। ହେଲେ ତାହା ସୁଇଚ୍ ଅଫ ଆସିଥିଲା।

